www.prameyanews.com

“ଈଶ୍ୱରଙ୍କୁ ଭରସା ଓ ଆତ୍ମବିଶ୍ୱାସ ବ୍ୟକ୍ତିର ଉନ୍ନତି ପାଇଁ ସହାୟକ ।”
– ଶ୍ରୀରାମକୃଷ୍ଣ ପରମହଂସ

ପ୍ରମେୟ
THE PRAMEYA

ପ୍ରଣାମ ଜନ୍ମଭୂମି

ଭୁବନେଶ୍ୱର • ସମ୍ବଲପୁର • ବିଶାଖାପଟ୍ଟନମ୍‌ରେ ମୁଦ୍ରିତ • RNI REGD NO: ORIORI/2011/37619 • POSTAL REGD NO: BN/208/12-14

VOLUME 4 • ISSUE 101 • BHUBANESWAR • THURSDAY • 7 AUGUST 2014 • ବର୍ଷ ୪ • ସଂଖ୍ୟା ୧୦୧ • ଭୁବନେଶ୍ୱର • ଗୁରୁବାର • ୭ ଅଗଷ୍ଟ ୨୦୧୪ • ଗ୍ରେଟର କଟକ

# ଲାଟେରାଲ୍ ବି.ଟେକ୍ ଆଶାୟୀଙ୍କୁ ସ୍ପେଶାଲ୍ ଓଜେଇଇ ସୁଯୋଗ

କଟକ,୬।୮ (ବ୍ୟୁରୋ): ରାଜ୍ୟରେ ବି.ଟେକ୍ ଏବଂ ଏମ୍‌ବିଏ ଓ ଏମ୍‌ସିଏରେ ବହୁ ସିଟ୍ ଖାଲି ପଡ଼ିଥିବାରୁ ଏଥିପାଇଁ ସ୍ୱତନ୍ତ୍ର ଯୁଗ୍ମ ପ୍ରବେଶିକା ପରୀକ୍ଷା ଓ ୨ୟ ପ୍ରବେଶିକା ପରୀକ୍ଷା କରିବା ପାଇଁ ହାଇକୋର୍ଟ ଗତ ୧ ତାରିଖରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲା ବେଳେ ଆଜି ଏଥିରେ ସଂଶୋଧନ ଆଣିଛନ୍ତି । ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ବିଚାରପତି ବିଶ୍ୱନାଥ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ଏକ ମିସ୍‌କେସ୍ ଆବେଦନର ଶୁଣାଣି କରି ଲାଟେରାଲ୍ ବି.ଟେକ୍ ଆଶାୟୀମାନେ ମଧ୍ୟ ସ୍ପେଶାଲ୍ ଓଜେଇଇ (ମେନ୍) ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ବୋଲି ଆଦେଶରେ ସ୍ପଷ୍ଟ କରିଦେଇଛନ୍ତି । ଏଥିସହିତ ପୂର୍ବ ନିର୍ଦ୍ଧାରିତ ସ୍ପେଶାଲ୍ ଓଜେଇଇ (ମେନ୍) ପରୀକ୍ଷାର କାର୍ଯ୍ୟସୂଚୀ ଅନୁଯାୟୀ ଏହି ଆଶାୟୀ ପ୍ରାର୍ଥୀମାନେ ଯେପରି ଭାବେ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଅଦାଲତଙ୍କ ନିର୍ଦ୍ଦେଶାନୁଯାୟୀ ଆସନ୍ତା ୭ ତାରିଖ ମଧ୍ୟରେ ଏହି ଲାଟେରାଲ୍ ବି.ଟେକ୍ ଆଶାୟୀମାନେ ଅନ୍‌ଲାଇନ୍‌ରେ ପରୀକ୍ଷା ପାଇଁ ଆବେଦନ କରିପାରିବା ସ୍ପଷ୍ଟ ହୋଇଯାଇଛି । ସୂଚନାଯୋଗ୍ୟ, ଗତ ୧ ତାରିଖରେ ହାଇକୋର୍ଟ ବି.ଟେକ୍ ପାଇଁ ସ୍ୱତନ୍ତ୍ର ଓଜେଇଇ (ମେନ୍) ପରୀକ୍ଷା ଓ ଖାଲିପଡ଼ିଥିବା ଏମ୍‌ବିଏ ଏବଂ ଏମ୍‌ସିଏ ସିଟ୍ ପୂରଣ ପାଇଁ ୨ୟ ପ୍ରବେଶିକା ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏଥିରେ ଲାଟେରାଲ୍ ବି.ଟେକ୍ ଆଶାୟୀଙ୍କ ପାଇଁ ଆବେଦନର କୌଣସି ସୁଯୋଗ ନଥିବାରୁ ନିଗମାନନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନାଲ୍ ଇନଷ୍ଟିଚ୍ୟୁଟ୍‌ର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ସାମନ୍ତରାୟ ହାଇକୋର୍ଟରେ ଏକ ମିସ୍ କେସ୍ ଆବେଦନ କରିଥିଲେ । ସେ ତାଙ୍କ ଆବେଦନରେ ଏହି ପରୀକ୍ଷାରେ ଲାଟେରାଲ୍ ବି.ଟେକ୍ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇନଥିବାରୁ ସେମାନେ ଓଜେଇଇ (ମେନ୍) ପରୀକ୍ଷା ଦେବାରୁ ବଞ୍ଚିତ ହେଉଛନ୍ତି ବୋଲି ଦର୍ଶାଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ବୁଦ୍ଧଦେବ ରାଉତରାୟ ମାମଲାଟିକୁ ପରିଚାଳନା କରୁଥିଲାବେଳେ ତାଙ୍କୁ ଆଇନଜୀବୀ ସୌଭାଗ୍ୟ ସାମଲ୍ ସହାୟତା ପ୍ରଦାନ କରିଥିଲେ ।